# ଗ୍ରାମୀଣ କୃଷି ମୌସମ ସେବା
# ଭାରତ ପାଣିପାଗ ବିଭାଗ
# ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ
# ଆଞ୍ଚଳିକ ଗବେଷଣା ଓ ବୈଷୟିକ ପ୍ରସାରଣ କେନ୍ଦ୍ର, ଚିପିଲିମା

ସଂଖ୍ୟା - ୪୦ (ଓଡ଼ିଆ ବୁଲେଟିନ) ସପ୍ତାହ -୨୦ ତାରିଖ:୧୭.୦୫.୨୦୨୪

## ଜିଲ୍ଲା –ବରଗଡ଼

### ଆସନ୍ତା ପାଞ୍ଚ ଦିନର ପାଣିପାଗ ପୂର୍ବାନୁମାନ

| ପାଣିପାଗ କାରକ | ୧୮-୦୫-୨୦୨୪ | ୧୯-୦୫-୨୦୨୪ | ୨୦-୦୫-୨୦୨୪ | ୨୧-୦୫-୨୦୨୪ | ୨୨-୦୫-୨୦୨୪ |
|---|---|---|---|---|---|
| ବୃଷ୍ଟିପାତ (ମିଲି ମିଟର) | 0 | 0 | 2 | 0 | 0 |
| ସର୍ବାଧିକ ତାପମାତ୍ରା (º ସେଣ୍ଟିଗ୍ରେଡ) | 35 | 37 | 39 | 39 | 40 |
| ସର୍ବନିମ୍ନ ତାପମାତ୍ରା (º ସେଣ୍ଟିଗ୍ରେଡ) | 28 | 28 | 28 | 29 | 29 |
| ମେଘ ଆବରଣ(ଓକଟା) | 7 | 6 | 1 | 2 | 4 |
| ସର୍ବାଧିକଆପେକ୍ଷିକ ଆଦ୍ରତା (ଶତକଡା %) | 47 | 53 | 53 | 50 | 48 |
| ସର୍ବନିମ୍ନ ଆପେକ୍ଷିକ ଆଦ୍ରତା (ଶତକଡା %) | 30 | 29 | 19 | 17 | 16 |
| ପବନର ବେଗ (କିମି/ଘଣ୍ଟା ପ୍ରତି) | 14 | 14 | 16 | 14 | 15 |
| ପବନର ଦିଗ (ଡିଗ୍ରୀ) | 207 | 225 | 212 | 240 | 195 |

ଅଧିକ ଜାଣିବା ପାଇଁ, ଭାରତୀୟ ପାଣିପାଗ ବିଭାଗ, ଭୁବନେଶ୍ୱର, ଟେଲିଫୋନ# ୦୬୭୪-୨୫୯୬୧୧୬ରେ ଯୋଗାଯୋଗ କରନ୍ତୁ

## ପାଣିପାଗ ସାରାଂଶ/ସତର୍କ ସୂଚନା :

ଭାରତ ପାଣିପାଗ ବିଜ୍ଞାନ ବିଭାଗ, ମୌସମ ବିଜ୍ଞାନ କେନ୍ଦ୍ର, ଭୁବନେଶ୍ବର ଅନୁଯାୟୀ ଆସନ୍ତା ସପ୍ତାହରେ ବର୍ଷା ହେବାର ସମ୍ଭାବନା କମ ଅଛି କିନ୍ତୁ ଏହି ପର୍ଯ୍ୟାୟରେ ଆକାଶ ଆଂଶିକ ରୁ ସାଧାରଣତଃ ମେଘାଛନ୍ନ (ପର୍ଯ୍ୟାୟକ୍ରମେ ମେଘ ଓ ଖରା) ରହିବା ସହିତ ଗୋଟେ କିମ୍ବା ଦି' ଟା ସ୍ଥାନରେ ଅତି ସ୍ୱଳ୍ପ ବର୍ଷା ମଧ ହୋଇପାରେ । ଆସନ୍ତା ୫ ଦିନ ମଧ୍ୟରେ ସର୍ବୋଚ୍ଚ ତାପମାତ୍ରା ୩୯ ରୁ ୪୦ ଡିଗ୍ରୀ ସେଣ୍ଟିଗ୍ରେଡ ଓ ସର୍ବନିମ୍ନ ତାପମାତ୍ରା ୨୮ରୁ ୨୯ ଡିଗ୍ରୀ ସେଣ୍ଟିଗ୍ରେଡ ମଧ୍ୟରେ ରହିବାର ସମ୍ଭାବନା ରହିଅଛି । ଆସନ୍ତା ସପ୍ତାହରେ ସର୍ବାଧିକ ଆପେକ୍ଷିକ ଆର୍ଦ୍ରତା ୪୭% ରୁ ୫୩% ଓ ସର୍ବନିମ୍ନ ଆପେକ୍ଷିକ ଆର୍ଦ୍ରତା ୧୬% ରୁ ୩୦% ମଧ୍ୟରେ ରହିବାର ସମ୍ଭାବନା ରହିଅଛି । ଆସନ୍ତା ୫ ଦିନ ମଧ୍ୟରେ ୧୪ ରୁ ୧୬ କି.ମି. ପ୍ରତି ଘଣ୍ଟା ବେଗରେ ଦକ୍ଷିଣ-ପୂର୍ବ ଓ ଦକ୍ଷିଣ-ପଶ୍ଚିମ ଦିଗରୁ ପବନ ବହିବାର ସମ୍ଭାବନା ରହିଅଛି।

| ସାଧାରଣ ଉପଦେଶ |
|---|
| • ଯେଉଁ ଚାଷୀଙ୍କ ଧାନ କାଟିବା କାର୍ଯ୍ୟ ସରିଗଲାଣି ସେମାନେ ବର୍ଷାଦିନିଆ ଫସଲ ଲଗେଇବା ପାଇଁ ଜମିର ପ୍ରସ୍ତୁତି ପ୍ରାରମ୍ଭ କରିଦିଅନ୍ତୁ ।<br>• ତାପମାତ୍ରା ବୃଦ୍ଧିର ପ୍ରଭାବରୁ ଫସଲ ତଥା ପଶୁମାନଙ୍କୁ ରକ୍ଷା କରିବା ପାଇଁ ଚାଷୀ ଭାଇମାନେ ସତର୍କତା ଅବଲମ୍ବନ କରିବା ଉଚିତ ଯେପରିକି କ୍ଷେତରେ ଥିବା ଫସଲରେ ଆବଶ୍ୟକତା ଅନୁଯାଇ ସକାଳ କିମ୍ବା ସନ୍ଧ୍ୟା ସମୟରେ ନିୟମିତ ସିଞ୍ଚନ ପ୍ରଣାଳୀରେ ଜଳସେଚନର ପ୍ରବନ୍ଧ କରିବା, ଫଳ ଓ ପନିପରିବା କ୍ଷେତରେ ମାଟିର ଆର୍ଦ୍ରତା ଓ ତାପମାତ୍ରାକୁ ନିୟନ୍ତ୍ରଣ କରିବା ପାଇଁ ପଲିଥିନ, ପୁଆଳ କିମ୍ବା ଅନ୍ୟ ଫସଲ ଅବଶେଷକୁ ଆବରଣ ଭାବରେ ପ୍ରୟୋଗ କରିବା, ପଶୁମାନଙ୍କୁ ଝାଞ୍ଜି ଖରାରୁ ବଂଚାଇବା ପାଇଁ ଛାଇଁରେ ରଖିବାର ବ୍ୟବସ୍ଥା କରିବା ତଥା ଦିପହର ସମୟରେ କାମ ନ କରାଇବା ଇତ୍ୟାଦି ।<br>• ପ୍ରଚଳିତ ପାଣିପାଗର ଯେଉଁ ସ୍ଥିତି ରହିଅଛି ତାହା ଆଗକୁ ଫସଲରେ ବିଭିନ୍ନ ପ୍ରକାରର ପୋକ ଏବଂ ରୋଗର ସଂକ୍ରମଣ ବଢାଇବାରେ ସହାୟକ ହୋଇପାରେ ତେଣୁ ଏହାର ନିୟମିତ ନିରୀକ୍ଷଣ କରିବାକୁ ପରାମର୍ଶ ଦିଆଯାଇଅଛି ।<br>• ଆଗକୁ ମେଘୁଆ ଖରା ପାଗ ସହିତ ଗୋଟେ କିମ୍ବା ଦି' ଟା ସ୍ଥାନରେ ଅତି ସ୍ୱଳ୍ପ ବର୍ଷା ହେବାର ସମ୍ଭାବନା ଦେଖାଯାଇପାରେ ତେଣୁ ବାହାରେ କଟା ହୋଇକୀ ରଖାଯାଇଥିବା ଫସଲକୁ ସୁରକ୍ଷିତ ଜାଗାରେ ରଖିବାର ପ୍ରବନ୍ଧ କରନ୍ତୁ । |

| ପାଣିପାଗ ଭିତ୍ତିକ କୃଷି ଏବଂ ପଶୁପାଳନ ଉପଦେଶ | | |
|---|---|---|
| ଫସଲର ନାମ | ଫସଲ ଅବସ୍ଥା | କୃଷି ଏବଂ ପଶୁପାଳନ ପାଇଁ ପାଣିପାଗ ଭିତ୍ତିକ ପରାମର୍ଶ |

| | | |
|---|---|---|
| ଡାଲୁଆ ଧାନ | ଦାନା ବିକଶିତ ହେବା / ପରିପକ୍ୱ ଅବସ୍ଥା | • ଧାନ କାଟିବାର ୧୫ ଦିନ ଆଗରୁ ଖେତରୁ ପାଣି କାଟି ଦିଅନ୍ତୁ ଯେପରିକି ଖେତ ସୁଖିଲା ରହିବ। ଯେଉଁ ଚାଷୀ ଭାଇମାନଙ୍କର ଧାନ ଗଛରେ ୮୦ କିମ୍ବା ତା'ଠୁ ଅଧିକା ପ୍ରତିଶତ କେଣ୍ଡାରେ ଥିବା ଦାନା ପରିପକ୍ୱ କିମ୍ବା ହଳଦିଆ ରଙ୍ଗର ଦେଖାଗଲାଣି ସେଥିରେ ଧାନ କାଟିବା କାର୍ଯ୍ୟ ପ୍ରାରମ୍ଭ କରିଦିଅନ୍ତୁ । ଯେଉଁ ଚାଷୀ ଭାଇମାନେ ଧାନ କାଟିକି ବାହାରେ ଶୁଖିବାକୁ ରଖିଛନ୍ତି ତା'କୁ ସୁରକ୍ଷିତ ଜାଗାରେ ରଖିବା ପାଇଁ ଉଚିତ ବ୍ୟବସ୍ଥା କରିବାକୁ ପରାମର୍ଶ ଦିଆଯାଉଅଛି । |
| ମୁଗ(ଖରା ଦିନିଆ) | ପରିପକ୍ୱ ଅବସ୍ଥା / ଫଳ ତୋଳିବା ଅବସ୍ଥା | • ଯଦି ମୁଗ ଗଛରେ ୭୦ ରୁ ୮୦ ପ୍ରତିଶତ ଫଳ ପରିପକ୍ୱ ହୋଇ ଯାଇଛି ସେଥିରେ ଫଳ ତୋଳିବା କାର୍ଯ୍ୟ ଆରମ୍ଭ କରିଦେବାକୁ ପରାମର୍ଶ ଦିଆଯାଉଅଛି। ଏହାର ବିହନକୁ ସଂରକ୍ଷିତ ରଖିବା ପୂର୍ବରୁ ଫସଲକୁ ଖରାରେ ଭଲ ଭାବରେ ସୁଖାନ୍ତୁ ଯେପରିକି ଦାନା/ମଞ୍ଜିର ଆର୍ଦ୍ରତା ୮ ରୁ ୧୦ ପ୍ରତିଶତ ମଧ୍ୟରେ ରହିବ। |
| ଆମ୍ବ | ଫଳ / ପରିପକ୍ୱଅବସ୍ଥା | • ତାପମାତ୍ରା ଓ ଆର୍ଦ୍ରତାରେ ବୃଦ୍ଧି ସହିତ ଆମ୍ବ ଗଛରେ ଫଳ ମାଛିର ଉପଦ୍ରବ ବଢିବାର ଦେଖାଯାଇପାରେ ତେଣୁ ଏହାର ନିରୀକ୍ଷଣ ତଥା ନିୟନ୍ତ୍ରଣ ପାଇଁ ଫଳ ମାଛି ଟ୍ରାପର ବ୍ୟବହାର କରିବାକୁ ପରାମର୍ଶ ଦିଆଯାଉଅଛି ।<br>• ଯଦି ଫଳର ଅଗରେ କଳା ଦାଗ ଏବଂ ଆଭ୍ୟନ୍ତରୀଣ ନେକ୍ରୋସିସ୍ ପରି ଲକ୍ଷଣ ଦେଖାଯାଏ ତାହାହେଲେ ଏହାର ନିୟନ୍ତ୍ରଣ ପାଇଁ ୧ ପ୍ରତିଶତ ବୋରାକ୍ସର ସିଞ୍ଚନ କରନ୍ତୁ ।<br>• ଆମ୍ବ ଗଛରେ ଫଳର ବିକାସ ପାଇଁ ଏହି ମାସଟା ମହତ୍ୱପୂର୍ଣ ଅଟେ ଏବଂ ଏହି ଅବସ୍ଥାରେ ଗଛରେ ଜଳର ଅଭାବ ଯୋଗୁଁ ଫଳର ବିକାସ ବାଧାପ୍ରାପ୍ତ ହୋଇଥାଏ ଓ ଫଳ ଝଡିବାର ମଧ୍ୟ ସମ୍ଭାବନା ବନିପାରେ ତେଣୁ ଚାଷି ଭାଇମାନଙ୍କୁ ମାଟିର ଆର୍ଦ୍ରତା ବନାଇ ରଖିବାକୁ ୭ ରୁ ୧୦ ଦିନ ଅନ୍ତରାଳରେ ସକାଳ କିମ୍ବା ସନ୍ଧ୍ୟା ସମୟରେ ଜଳସେଚନ କରିବାକୁ ପରାମର୍ଶ ଦିଆଯାଉଅଛି । |
| ପନିପରିବା | ଫୁଲ ଓ ଫଳ ଅବସ୍ଥା | • ବର୍ଷା ନ ହେବା ସ୍ଥିତିରେ କ୍ଷେତରେ ଆର୍ଦ୍ରତା ବନାଇ ରଖିବା ପାଇଁ ଜଳ ସେଚନର ଉଚିତ ବ୍ୟବସ୍ଥା କରିବାକୁ ପରାମର୍ଶ ଦିଆଯାଇଅଛି । ପ୍ରଚଳିତ ପାଣିପାଗରେ ପନିପରିବା ଫସଲରେ ବିଭିନ୍ନ ପ୍ରକାରର ଶୋଷକ ପୋକମାନଙ୍କର ସଂକ୍ରମଣ ବଢିବାର ସମ୍ଭାବନା ଦେଖାଯାଇପାରେ ତେଣୁ ଏହାର ନିୟମିତ ନିରୀକ୍ଷଣ କରିବାକୁ ପରାମର୍ଶ ଦିଆଯାଇଅଛି ।ଯଦି ପ୍ରକୋପ ଦେଖାଯାଏ ତା'ହେଲେ ୦.୨ ରୁ ୦.୩ ଗ୍ରାମ ଥାୟାମିଥୋକ୍ସଜାମ ୨୫ % ଡବ୍ଲୁ.ଜି. କିମ୍ବା ଇମିଡାକ୍ଲୋରପ୍ରିଡ ୧୭.୮ % ଏସ.ଏଲ. @ ୦.୩ ମିଲିକୁ ଗୋଟେ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ।<br>• ଯଦି ବାଇଗଣ, ଭେଣ୍ଡି ଏବଂ ଟମାଟର ଗଛରେ ପତ୍ରଖିଆ ସମ୍ବାଲୁଆ ଏବଂ କାଣ୍ଡ ଓ ଫଳବିନ୍ଧା ପୋକର ଆକ୍ରମଣ ଦେଖାଯାଏ ତାହେଲେ ୦.୪ ଗ୍ରାମ ଇମାମେକଟିନ୍ ବେନଯୋଏଡ୍କୁ ପ୍ରତି ଲିଟର ପାଣିରେ ମିଶାଇ ଶୁଷ୍କ ପାଗକୁ ଦେଖି ଗଛରେ ପ୍ରୟୋଗ କରନ୍ତୁ। |
| ଗାଈଓ ମଈଷି | • ପଶୁମାନଙ୍କୁ ଗରମରୁ ରକ୍ଷା କରିବା ପାଇଁ ତାଙ୍କୁ ନିୟମିତ ତାଜା ସ୍ୱଚ୍ଛ ଥଣ୍ଡା ପାନୀୟ ଜଳ ଯୋଗେଇବାର ବ୍ୟବସ୍ଥା କରିବାକୁ ଏବଂ ସେମାନଙ୍କୁ ସବୁଜ ଘାସ, ପୁଷ୍ଟିସାର-ଚର୍ବି ଜାତୀୟ ଖାଦ୍ୟ, ମିଶ୍ରିତ ଖଣିଜ ଲବଣ ଏବଂ ଲୁଣ ଖାଇବାକୁ ଦେବା ପାଇଁ ପରାମର୍ଶ ଦିଆଯାଉଛି ।ସେମାନଙ୍କୁ ଛାଇଁରେ ରଖିବା ତଥାସକାଳ୧୧ଟା ରୁ ସନ୍ଧ୍ୟା ୪ ଟା ମଧ୍ୟରେ ଚରାଇବାକୁ ବାହାରକୁ ନ ଛାଡ଼ିବାକୁ ଉପଦେଶ ଦିଆଯାଉଛି। | |
| କୁକୁଡ଼ା ପାଳନ | • ଉଷ୍ମ ଲହରୀ ସମୟରେ କୁକୁଡ଼ା ଫାର୍ମରେ ଥିବା ଝରକାଗୁଡିକୁ ଓଦା ଅଖା ବସ୍ତା କିମ୍ବା ଗନି ବ୍ୟାଗରେ ଏବଂ ଛାତକୁ ପୁଆଲ କିମ୍ବା ନଡ଼ାରେ ଘୋଡାଇବାର ପ୍ରବନ୍ଧ କରନ୍ତୁ । କୁକୁଡ଼ା ସେଡରେ ପବନର ଚଳପ୍ରଚଳକିମ ଭେଣ୍ଟିଲେସନ୍ ପାଇଁ ଏବଂ ଘରକୁ ଥଣ୍ଡାରଖିବା ପାଇଁ ଉପଯୁକ୍ତ ବ୍ୟବସ୍ଥା କରାଯିବା ଉଚିତ। ଉଷ୍ମ ଲହରୀ ଶେଷ ହେବା ପର୍ଯ୍ୟନ୍ତ ଭିଟାମିନ୍ ଇ ଏବଂ ସି ସପ୍ଲିମେଣ୍ଟକୁ ପାନୀୟ ଜଳ ସହିତ ମିଶାଇ ଖାଇବାକୁ ଦିଅନ୍ତୁ । ରାନିକ୍ଷେତ ରୋଗ ବିରୁଦ୍ଧରେ କୁକୁଡ଼ା ମାନଙ୍କର ଟୀକାକରଣ ଏବଂ କୃମି ନ ହେବା ପାଇଁ ଔଷଧର ବ୍ୟବସ୍ଥା ନିଶ୍ଚୟ କରାଯିବା ଉଚିତ । | |



| | |
|---|---|
| **Ms. Jubuli Sahu**<br>**Junior Agrometeorologist,**<br>**AMFU, RRTTS, Chiplima** | **Dr. Sanjukta Mohapatra**<br>**ADR & Nodal Officer**<br>**RRTTS, Chiplima** |




• କୃଷି ରେ ଉତ୍ତମ ଲାଭ ପାଇଁ, **OUAT KALINGA** ପ୍ରଡକ୍ଟସ (ବିହନ, ଚାରା ରୋପଣ ଓ କ୍ୟୁପିଏମ୍, ଟିସୁ କଲଚର ପ୍ଲାଣ୍ଟ, ଫଳ ଓ ପନିପରିବା, ମୂଲ୍ୟଯୁକ୍ତ ଉତ୍ପାଦ, ଫିଙ୍ଗରଲିଙ୍ଗ୍/ଇୟରଲିଙ୍ଗ୍, କୁକୁଡ଼ା ଛୁଆ, ମହୁମାଛି ଓ ସ୍କୋନ୍, ଜୈବ ସାର, ଜୈବ କୀଟନାଶକ, ଜିଆ ଏବଂ ଜିଆ ଖତ ଇତ୍ୟାଦି) ବ୍ୟବହାର କରନ୍ତୁ।

- ଭାରତ ପାଣିପାଗ ବିଭାଗର ପାଣିପାଗ ପୂର୍ବାନୁମାନ ଏବଂ ଓଡ଼ିଶା ସ୍ଥିତିର କୃଷି ପାଣିପାଗ ପରାମର୍ଶଦାତା ପାଇଁ ମେଘଦୂତ ମୋବାଇଲ ଆପ (https://play.gooogle.com/store/apps/details?id=com.aas.meghdoot) ତଥା ନିଜ ଅଞ୍ଚଳର ବିଜୁଳି କିମ୍ବା ବଜ୍ରପାତ ପୂର୍ବାନୁମାନ ପାଇଁ ଦାମିନୀ ଆପ (https://play.google.com/store/apps/details?id=com.lightening.live.damini) ର ବ୍ୟବହାର କରିପାରିବେ।